# ବିଜ୍ଞାପନ

## ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩

ଫୋନ୍ ନଂ-୦୬୭୪୨୩୦୨୮୭୫,୨୩୦୩୮୩୯,୨୩୦୨୨୯୨ / Email:gkcmorc@gmail.com

ଗୁରୁ କେଳୁ ଚରଣ ମହାପାତ୍ର, ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷାନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍ ର ସୁବିଧା ସହିତ ମାସିକ ଟ.୨୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୧୫ଦିନ ମଧ୍ୟରେ ଉପରୋକ୍ତ ଠିକଣାରେ ବା ଇ-ମେଲ୍ ଜରିଆରେ ଆବେଦନ କରିପାରିବେ । ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକରେ ମଧ ପ୍ରଶିକ୍ଷଣ ଦିଆଯିବ । ଏଥିସହିତ ଗବେଷଣା କେନ୍ଦ୍ରର ପରିବେଷଣ ଦଳ ପାଇଁ ପାଞ୍ଚ ଜଣ ନୃତ୍ୟଶିଳ୍ପୀଙ୍କୁ ଦୁଇବର୍ଷ ପାଇଁ ମାସିକ ଟ.୩୦୦୦/- ଟଙ୍କା ହାରରେ ବୃତ୍ତି ପ୍ରଦାନ କରାଯାଇ ତାଙ୍କର ପରିବେଷଣ କଳାକୁ ପରିମାର୍ଜିତ କରି ବିଭିନ୍ନ ମଞ୍ଚ ପ୍ରଦର୍ଶନ ନିମନ୍ତେ ପ୍ରସ୍ତୁତ କରାଯିବ । ଶିଳ୍ପୀ ଅନ୍ୟୁନ ୫ ବର୍ଷ ମଞ୍ଚରେ ପରିବେଷଣ କରିଥିବେ ।

## ଆବଶ୍ୟକୀୟ ଯୋଗ୍ୟତା

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ । କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିଳ୍ପୀମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । (୫) ପରିବେଷଣ ଦଳର ବୟସସୀମା ୧୮ ବର୍ଷ ବୟସରୁ ୩୫ ବର୍ଷ ପର୍ଯ୍ୟନ୍ତ ହେବା ଆବଶ୍ୟକ ।

*ବି.ଦ୍ର : ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ୍ ପୃଥକ୍ ଭାବରେ ଆବେଦନ କରିବେ ।*

ମୁଖ୍ୟ ନିର୍ବାହୀ